ପରିଚାଳନା ନିର୍ଦ୍ଦେଶକ ହରିୟାଣା ବୀଜ ବିକାଶ ନିଗମ ଲିମିଟେଡ୍

ବନାମ

ପୀଠାସୀନ ଅଧିକାରୀ ଏବଂ ଅନ୍ୟଜଣେ ଇତ୍ୟାଦି

ଜୁଲାଇ 7, 1997

[କେ. ରାମାସ୍ୱାମୀ ଏବଂ ଡି.ପି. ୱାଧୱା, ନ୍ୟାୟମୂର୍ତ୍ତିଦ୍ୱୟ]

*ଶ୍ରମ ଆଇନ:*

*ଶିଳ୍ପ ବିବାଦ ଅଧିନିୟମ, 1947:*

*ଧାରା 25-F – ଛଟେଇ କ୍ଷତିପୂରଣ – କାରଖାନା ବନ୍ଦ ହେବା କାରଣରୁ ଅପ୍ରଦାନ – ଶ୍ରମ ନ୍ୟାୟାଳୟ ଏକ ଅଧିନିର୍ଣ୍ଣୟ ପାରିତ କରିଛନ୍ତି ଯେ, ଆଇନ ଅନୁଯାୟୀ ଏହି ଛଟେଇ ଭୁଲ ଥିଲା – ଉଚ୍ଚ ନ୍ୟାୟାଳୟ ଏହି ଅଧିନିର୍ଣ୍ଣୟକୁ ସୁନିଶ୍ଚିତ କରିଛନ୍ତି – ଅପିଲରେ ଦର୍ଶାଯାଇଥିଲା, କାରଖାନା ବନ୍ଦ ହେବାର ପରିଣାମ ସ୍ୱରୂପ ଧାରା 25-F ଦୃଷ୍ଟି ଆକର୍ଷଣ କରିନାହିଁ ଏବଂ ଏହା ଅଧୀନରେ ଲାଗୁ କରାଯାଇଥିବା କଠୋରତାକୁ ବାଦ ଦିଆଯାଇଛି – ତେଣୁ ଶ୍ରମ ନ୍ୟାୟାଳୟର ଅଧିନିର୍ଣ୍ଣୟକୁ ରଦ୍ଦ କରିଦିଆଯାଇଛି – ଯଦି ପରବର୍ତ୍ତୀ ସମୟରେ ଛଟେଇ କରାଯାଇଥିବା କନିଷ୍ଠମାନଙ୍କୁ ନିଯୁକ୍ତ କରାଯାଇଥିଲା, ତେବେ ନୂତନ ନିଯୁକ୍ତି ପାଇଁ ଉତ୍ତରଦାତା-ଶ୍ରମିକମାନେ ମଧ୍ୟ ହକଦାର ଥିଲେ ।*

ଦେୱାନୀ ଅପିଲ ଅଧିକାରିତା : ଦେୱାନୀ ଅପିଲ ସଂଖ୍ୟା 4609/1997 ଇତ୍ୟାଦି

ସି.ଡବ୍ଲ୍ୟୁ.ପି. ସଂଖ୍ୟା 12867/1996 ରେ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟର 23.8.96 ତାରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀଙ୍କ ପାଇଁ ଅଶୋକ କେ. ପଥାରିଆ, ରାଜେଶ କେ. ଶର୍ମା, ଶାଲୁ ଶର୍ମା ଏବଂ ଗୁଡୱିଲ ଇନ୍ଦୀବର ।

ଉତ୍ତରଦାତାମାନଙ୍କ ପାଇଁ କେ.ବି. ରୋହତଗୀ ଏବଂ ସୁଶ୍ରୀ ଅପର୍ଣ୍ଣା ରୋହତଗୀ ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଅନୁମତି ପ୍ରଦାନ କରାଗଲା ।

. ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଅପିଲଗୁଡ଼ିକ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟଳୟଙ୍କ ସିଡବ୍ଲ୍ୟୁପି ସଂଖ୍ୟା 12867/96 ଏବଂ 12866/96 ରେ 23.8.1996 ତାରିଖରେ କରାଯାଇଥିବା ନିର୍ଦ୍ଦେଶରୁ ଉତ୍ପନ୍ନ ହୁଏ ।

ସ୍ୱୀକାରଯୋଗ୍ୟ ସ୍ଥିତି ହେଉଛି ଯେ, ହରିୟାଣା ବୀଜ ବିକାଶ ନିଗମ ଲିମିଟେଡ୍ ରବି ଏବଂ ଖରିଫ ବୁଣିବା ଋତୁରେ କୃଷକମାନଙ୍କୁ ଶସ୍ୟ ବୀଜର ପ୍ରମାଣୀକୃତ କିସମଗୁଡ଼ିକର ବିତରଣ ବ୍ୟବସାୟ ଚାଲୁ ରଖିଛି । ଫଳସ୍ୱରୂପ, ଉତ୍ତରଦାତାଙ୍କ ଭଳି ବକ୍ରେତାଙ୍କ ସମେତ ଅନେକ କର୍ମଚାରୀ ନିଯୁକ୍ତ ହୋଇଥିଲେ । ଏହା ମଧ୍ୟ ନଥିରେ ଅଛି ଯେ, ପ୍ରବଳ ବନ୍ୟା ଇତ୍ୟାଦି କାରଣରୁ, ମଞ୍ଜି ବିକ୍ରୟ କାଉଣ୍ଟର ସମେତ ଅନେକ ୟୁନିଟ୍ ବନ୍ଦ ହୋଇଯାଇଥିଲା । ଫଳସ୍ୱରୂପ, କର୍ମଚାରୀଙ୍କ ସେବା ଛାଡ଼ କରାଯାଇଛି । ଉତ୍ତରଦାତାମାନେ ଶିଳ୍ପ ବିବାଦ ଅଧିନିୟମ, 1947 (ସଂକ୍ଷେପରେ, "ଅଧିନିୟମ") ର ଧାରା 10 (1) (c) ଅନୁଯାୟୀ ଏକ ସନ୍ଦର୍ଭ ମାଗିଛନ୍ତି । ଶ୍ରମ ନ୍ୟାୟାଳୟ ଦର୍ଶାଇଛନ୍ତି ଯେ, ଉତ୍ତରଦାତାଙ୍କ ସେବା ଛାଡ଼ ଅଧିନିୟମର ଧାରା 25-F ର ଅର୍ଥ ମଧ୍ୟରେ ଛଟେଇ କରିବା ସହିତ ସମାନ ଅଟେ । ଫଳସ୍ୱରୂପ, ଏହା ବଦଳରେ ଏକ ମାସର ବିଜ୍ଞପ୍ତି କିମ୍ବା ଦରମା ନଦେଇ, ଏହି ଛଟେଇ ଆଇନତଃ ଭୁଲ ଅଟେ । ତଦନୁସାରେ, ଏହା ଏହି ଅଧିନିର୍ଣ୍ଣୟ ଯାହା ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ସୁନିଶ୍ଚିତ କରାଯାଇଥିଲା ତାହାକୁ ପାରିତ କରିଥିଲା । ତେଣୁ, ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଅପିଲଗୁଡ଼ିକ ପାରିତ ହୋଇଛି ।

ଅଧିନିୟମର ଧାରା 25-FFF କାରଖାନା ବନ୍ଦକୁ ନିୟନ୍ତ୍ରଣ କରିଥାଏ, ଯାହା ନିମ୍ନମତେ ଅବଧାରଣ କରାଯାଏ:

> "25-FFF ଅଙ୍ଗୀକାର ସମାପ୍ତ ହୋଇଯିବାରେ ଶ୍ରମିକଙ୍କୁ କ୍ଷତିପୂରଣ - (1) କୌଣସି କାରଣରୁ ଅଙ୍ଗୀକାର ସମାପ୍ତ ହୋଇଗଲେ, ପ୍ରତ୍ୟେକ ଶ୍ରମିକ ଯିଏ ଏପରି ସମାପ୍ତିର ତୁରନ୍ତ ପୂର୍ବରୁ ସେହି ଅଙ୍ଗୀକାରରେ ଅତିକମ୍ ରେ ଏକ ବର୍ଷ ସମୟ ଧରି ନିରନ୍ତର ଭାବେ ସେବାରେ ଅଛନ୍ତି, ଉପଧାରା (2) ର ବ୍ୟବସ୍ଥାଗୁଡ଼ିକର ସାପେକ୍ଷ ଅଟନ୍ତି, ଧାରା 25-F ର ବ୍ୟବସ୍ଥା ଅନୁଯାୟୀ ବିଜ୍ଞପ୍ତି ଏବଂ କ୍ଷତିପୂରଣ ପାଇବାକୁ ହକଦାର ହେବେ, ଯେପରି କି ଶ୍ରମିକଙ୍କୁ ଛଟେଇ କରିଦିଆଯାଇଛି ।
>
> ବ୍ୟବସ୍ଥା କରାଯାଇଛି ଯେ, ଯେଉଁ କ୍ଷେତ୍ରରେ ନିଯୁକ୍ତିଦାତାଙ୍କ ନିୟନ୍ତ୍ରଣ ବାହାରେ ଥିବା ଅନିବାର୍ଯ୍ୟ ପରିସ୍ଥିତି କାରଣରୁ ଅଙ୍ଗୀକାରଟି ସମାପ୍ତ ହୋଇଯାଏ, ସେହି କ୍ଷେତ୍ରରେ ଧାରା 25-F ର ଖଣ୍ଡ (b) ଅନୁଯାୟୀ ଶ୍ରମିକଙ୍କୁ ପ୍ରଦାନ କରାଯିବାକୁ ଥିବା କ୍ଷତିପୂରଣ ତିନି ମାସ ପାଇଁ ତାଙ୍କ ହାରାହାରି ଦରମା ଠାରୁ ଅଧିକ ହେବ ନାହିଁ ।"

. କାରଖାନା ବନ୍ଦ ହେବାର ପରିଣାମ ସ୍ୱରୂପ, ଅଧିନିୟମର ଧାରା 25-F କୁ ଦୃଷ୍ଟି ଆକର୍ଷଣ କରାଯାଇ ନାହିଁ ଏବଂ ଏହା ଅଧୀନରେ ଲାଗୁ କରାଯାଇଥିବା କଠୋରତାକୁ ବାଦ ଦିଆଯାଇଛି । ଏହା ଏହି ନ୍ୟାୟାଳୟଙ୍କ ଦ୍ୱାରା ନିଆଯାଇଥିବା ମତ ଥିଲା । ଅନ୍ୟ ମାମଲାଗୁଡ଼ିକରେ, ତାହା ମଧ୍ୟ ଉଚ୍ଚ ନ୍ୟାୟାଳୟଙ୍କର ଅନ୍ୟ ଜଣେ ବିଜ୍ଞ ଏକକ ବିଚାରପତିଙ୍କ ଦ୍ୱାରା ଅନୁସରଣ କରାଯାଇଥିଲା । ପ୍ରସଙ୍ଗର ସେହି ଦୃଷ୍ଟିକୋଣରୁ, ବିଜ୍ଞ ଏକକ ବିଚାରପତି ରିଟ୍ ଆବେଦନକୁ ସ୍ୱୀକାର ନକରି ଆଇନର ଗୁରୁତର ତ୍ରୁଟି କରିଛନ୍ତି ।

ତଦନୁସାରେ ଅପିଲଗୁଡ଼ିକୁ ଅନୁମତି ଦିଆଯାଇଛି । ଶ୍ରମ ନ୍ୟାୟାଳୟଙ୍କର ଆଦେଶ ରଦ୍ଦ କରିଦିଆଯାଇଛି । କୌଣସି ଖର୍ଚ୍ଚ ନାହିଁ ।

ତେବେ, ପାଲଟା ସତ୍ୟପାଠର ଅନୁଚ୍ଛେଦ 5 ରେ ଉତ୍ତରଦାତାଙ୍କ ପକ୍ଷରୁ ହାଜର ହୋଇଥିବା ବିଜ୍ଞ ଅଧିବକ୍ତା ଶ୍ରୀ କେ.ବି. ରୋହତଗୀ ଏହା ବ୍ୟକ୍ତ କରିଛନ୍ତି ଯେ, ସମସ୍ତ କନିଷ୍ଠ, ଯେଉଁମାନଙ୍କର ସେବାକୁ ଉତ୍ତରଦାତାଙ୍କ ସହିତ ଛାଡ଼

କରାଯାଇଥିଲା, ପରବର୍ତ୍ତୀ ସମୟରେ ନିଯୁକ୍ତ ହୋଇଥିଲେ । ଯଦି ଏପରି ହୁଏ, ତେବେ ଉତ୍ତରଦାତାମାନଙ୍କୁ ନିଗମକୁ ନିବେଦନ କରିବାକୁ ଗ୍ରହଣ କରାଯିବ ଏବଂ ନିଗମ ସେମାନଙ୍କର ନିବେଦନ ଉପରେ ବିଚାର କରିବ । ଯଦି ଅନ୍ୟ କୌଣସି କନିଷ୍ଠ ବ୍ୟକ୍ତିଙ୍କୁ ନିଯୁକ୍ତ କରାଯାଇଥିଲା, ତେବେ ଉତ୍ତରଦାତାମାନେ ମଧ୍ୟ ଅପରିହାର୍ଯ୍ୟ ଭାବରେ ନୂତନ ଭାବେ ନିଯୁକ୍ତି ପାଇଁ ହକଦାର ଅଟନ୍ତି ।

ଜି.ଏନ୍.                                                                                    ଅପିଲଗୁଡ଼ିକୁ ଅନୁମତି ଦିଆଯାଇଛି ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଓ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଅନୁବାଦିକା : - ରଶ୍ମିତା ସାହୁ,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ